To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଅମ୍ବାନୀଙ୍କ ଖୁଲାସା, ଝିଅ ଇଶା ଦେଇଥିଲେ ଜିଓ ଆଇଡିଆ

R.N.I. No.-42041/83 Vol-15, Issue No.252, ଭଦ୍ରକ, ଶନିବାର, ୧୭, ମାର୍ଚ୍ଚ ୨୦୧୮ ■ Bhadrak, Saturday, 17 March 2018 Rs. 2.00 Pages-8

ଆଜି ଆସିବେ ରାଷ୍ଟ୍ରପତି

- ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି
- ସ୍ୱାଗତ ଜଣାଇବେ ମୁଖ୍ୟମନ୍ତ୍ରୀ
- ସୁରକ୍ଷା ବ୍ୟବସ୍ଥା କଡାକଡି
- ନିୟୋଜିତ ହେବେ ୭୧ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୧୬।୩ (ସକାଳ ଖବର) : ଭାରତର ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଆସନ୍ତାକାଲି ୨ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ଓଡ଼ିଶାରେ ଦୁଇ ଦିନ ରହଣୀ ମଧ୍ୟରେ ରାଷ୍ଟ୍ରପତି ଭୁବନେଶ୍ୱର , କଟକ ଓ ପୁରୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ଓ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୁବନେଶ୍ୱରରେ ରହଣୀ ସମୟରେ ରାଷ୍ଟ୍ରପତିଙ୍କ ସୁରକ୍ଷା ଲାଗି ୮୦ପ୍ଲାଟୁନରୁ ଅଧିକ ଫୋର୍ସ, ୨୫୦ଜଣ ଅଫିସର ଓ ୪ଜଣ ଡିସିପି ନିୟୋଜିତ ହେବେ। ଅଫିସର ଓ ଆଇଜି ପାହ୍ୟାର କେନ୍ଦ୍ରୀୟ ଟିମ ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିବେ । ଗସ୍ତକୁ ଦୃଷ୍ଟିରେ ରଖି ଶୁକ୍ରବାର କାରର୍କେଡ ରିହରସାଲ୍ କରାଯାଇଛି। ଭୁବନେଶ୍ୱର ବିମାନବନ୍ଦରରୁ ରାଜଭବନ ଏବଂ ସେଠାରୁ ଜଟଣୀ ଅରୁଗୁଳକୁ ଯାଇ ପ୍ରାକ୍ ଅଭ୍ୟାସ କରାଯାଇଛି । ଶନିବାର ସକାଳ ୧୦ଟା ୪୫ ମିନିଟରେ ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇବେ। ଏଥିପାଇଁ ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ଭୁବନେଶ୍ୱରରେ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ । କଡା ସୁରକ୍ଷା ବଳୟ ଭିତରେ ରାଷ୍ଟ୍ରପତି ଭୁବନେଶ୍ୱରରୁ କଟକ ଯାଇ ଦିନ ୧୧ଟା ୫୫ରୁ ୧୨ ୧୦ ଯାଏଁ ନେତାଜୀଙ୍କ ଜନ୍ମ ସ୍ଥାନ ପରିଦର୍ଶନ କରିବେ। ଏହାପରେ ଦିନ୧୨ଟା ୧୫ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଆନନ୍ଦ ଭବନରେ ପହଂଚିବେ । ସେଠାରେ ବିଜୁ ପାଠାଗାର ଓ ବିଜୁ ସଂଗ୍ରାଳୟର ଉନ୍ମୋଚନ କରିବା ପରେ ଦିନ ୧ଟା ୧୫ରୁ ଦିନ ୩ଟା ୨୫ରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏହାପରେ ଅପରାହ୍ନ ୩ଟା ୩୦ରୁ ୪ଟା ୧୫ରେ ଫାଉଣ୍ଡେସନ ଡେ କାର୍ଯ୍ୟକ୍ରମରେ ଯୋଗ ଦେବେ। **(ପୃଷ୍ଠା-୭)**

ଖାଇବେ ଓଡିଶାର ପାରମ୍ପରିକ ଖାଦ୍ୟ

ଭୁବନେଶ୍ୱର, ୧୬।୩ (ସକାଳ ଖବର) : ଆସନ୍ତାକାଲି ଭାରତର ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଦୁଇ ଦିନିଆଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଶନିବାର ପୁରୀରେ ରାତ୍ରିଯାପନ କରିବେ। ରାଷ୍ଟ୍ରପତି ନିଜର ପୂରା ପରିବାର ସହ ପୁରୀ ଆସୁଛନ୍ତି। ପୁରୀ ଗସ୍ତ ସମୟରେ ପୁରୀ ସର୍କିଟ ହାଉସରେ ସେ ସପରିବାର ଅବସ୍ଥାନ କରିବେ। ୧୮ ତାରିଖ ସକାଳେ ତାଙ୍କର ଶ୍ରୀମନ୍ଦିର ଯାଇ ଜଗନ୍ନାଥ ନିକଟରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ, ଏହି ରହଣୀ ସମୟରେ ରାଷ୍ଟ୍ରପତି ଓ ତାଙ୍କ ପରିବାର ପାଇଁ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ ହେବ। ଏଥିଲାଗି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପୁରୀ ଜିଲ୍ଲାପାଳଙ୍କ ଅନୁଯାୟୀ ରାଷ୍ଟ୍ରପତିଙ୍କ ଲାଗି ଶ୍ରୀମନ୍ଦିରରୁ ମହାପ୍ରସାଦ ଅଣାଯିବା ସହିତ ଖାଣ୍ଟି ଓଡ଼ିଆ ଖାଦ୍ୟ ପ୍ରସ୍ତୁତ ହେବ। ଓଡ଼ିଶାର **(ପୃଷ୍ଠା-୭)**

ମାରିଦେଲା ମୋବାଇଲ୍

କାଳ ହେଲା ଚାଇନା ଫୋନ୍

ଝାରସୁଗୁଡ଼ା,୧୬।୩ (ସକାଳ ଖବର) : ମୋବାଇଲ ଚାର୍ଜରେ ବସାଇ କଥା ହେଉଥିବା ବେଳେ ବିସ୍ଫୋରଣ ଘଟିବାରୁ ଆଜି ଜଣେ ୧୯ ବର୍ଷୀୟ ଯୁବତୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଉମା ଓରାମ । ବିସ୍ଫୋରଣ ଘଟିଥିବା ମୋବାଇଲଟି ଏକ ଚାଇନା କମ୍ପାନି ଦ୍ୱାରା ପ୍ରସ୍ତୁତ ବୋଲି ଜଣାପଡ଼ିଛି । ଏହି ଘଟଣା ଘଟିଛି ଝାରସୁଗୁଡ଼ା ଜିଲ୍ଲାରେ ।

ମିଳିଥିବା ସୂଚନା ଅନୁଯାୟୀ, ଲଇକେରା ବ୍ଲକ ଖଇରିକାନି ନିକଟ ବାଗଡିହ ଗ୍ରାମର ଉମା ଆଜି ନୋକିଆ ୫୨୩୩ ମୋବାଇଲରେ ଚାର୍ଜର ସଂଯୋଗ କରି କୌଣସି ସଂପର୍କୀୟଙ୍କ ସହ କଥା ହେଉଥିଲେ । ଏହି ସମୟରେ ହଠାଇ ମୋବାଇଲ୍ ଫୋନଟି ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣରେ ଉମାଙ୍କ ଶରୀରର ଅଧିକାଂଶ ଜାଗା ପୋଡ଼ିଯିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ଉମାଙ୍କୁ ମେଡ଼ିକାଲରେ ମୃତ ଘୋଷଣା କରିଥିଲେ ।

ରସଗୋଲା ବିବାଦ : ପଶ୍ଚିମବଙ୍ଗଙ୍କୁ ନୋଟିସ୍

ଭୁବନେଶ୍ୱର,୧୬।୩ (ସକାଳ ଖବର) : ବାଂଲାର ରସଗୋଲା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଗତ ଚାରି ମାସ ତଳେ ଜି.ଆଇ ମାନ୍ୟତା ମିଳିଥିବା ବେଳେ ନିଜର ପକ୍ଷ ରଖିବାକୁ ପଶ୍ଚିମବଙ୍ଗ ସରକାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। 'ବାଂଲାର ରସଗୋଲା' ମାନ୍ୟତାକୁ କାହିଁକି ପ୍ରତ୍ୟାହାର କରିନିଆନଯିବ, ସେ ସଂପର୍କରେ ନିଜର ପକ୍ଷ ରଖିବାକୁ କୁହାଯାଇଛି । ପଶ୍ଚିମବଙ୍ଗ ସରକାର ଭୁଲ୍ ତଥ୍ୟ ଉପସ୍ଥାପନ କରି ଚେନ୍ନାଇରେ ଥିବା ଇଣ୍ଡିଆନ୍ ପ୍ୟାଟେଂଟ୍ ଅଫିସରୁ 'ବାଂଲାର ରସଗୋଲା' ନାଁରେ ଜିଆ.ଇ ମାନ୍ୟତା ହାସଲ କରିଛନ୍ତି ବୋଲି ଜାଣିବାକୁ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାକୁ ନିଜ ପକ୍ଷ ରଖିବାକୁ ସୁଯୋଗ ମିଳି ନ ଥିଲା ବୋଲି ଅଭିଯୋଗ ହୋଇଛି। ଏହି ମାମଲାକୁ ନେଇ ପଶ୍ଚିମବଙ୍ଗ ବିରୋଧରେ ରିଜିଓନାଲ୍ ଡେଭେଲପମେଂଟ ଟ୍ରଷ୍ଟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଏକ ମାସ ତଳେ ଚେନ୍ନାଇସ୍ଥିତ ଜିଆଇ ଅଫିସରେ 'ଅବଜେକସନ୍ ପିଟିସନ୍' ଦାଖଲ କରି ଏହି ପ୍ରଶ୍ନ ଉଠାଇଥିଲେ। ତେବେ, ଏହି ପ୍ରଶ୍ନର ଉତର ଦେବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ୨ ମାସ ସମୟ ଦିଆଯାଇଛି।

ପୁରସ୍କାର ଘୋଷିତ ୨ ମାଓବାଦୀ ଗିରଫ

ମାଲକାନଗିରି, ୧୬।୩ (ସକାଳ ଖବର) : ସୀମାନ୍ତ ଛତିଶଗଡ଼ ରାଜ୍ୟ ଦନ୍ତେୱାଡ଼ା ଜିଲ୍ଲା କଟକଲ୍ୟାଣ ଥାନା ପୁଲିସ ଓ ସିଆରପିଏଫର ୧୯୫ ବାଟାଲିଆନ ଯବାନଙ୍କ ମିଳିତ ଅପରେସନବେଳେ ସୁରନାର ଓ ଲେଖାପାଲ ଜଙ୍ଗଲରୁ ଡୁମାମ ଦଳମର ଦୁଇ ପୁରସ୍କାର ଘୋଷିତ ମାଓବାଦୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଦୁଇ ମାଓବାଦୀ ହେଲେ ମନୋଜ ପଡ଼ିଆମୀ ଓ ହଡ଼ମା କୁଞ୍ଜାମି, ଏମାନଙ୍କ ନାମରେ ୧ଲକ୍ଷ ଟଙ୍କା ଲେଖାଏଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଥିଲା। ପ୍ରକାଶଥାଉକି ଗତ କିଛିଦିନ ତଳେ ସୁକମାର ଦାନ୍ତେୱାଡାରେ ପୋଲିସ୍ ପାଇଁ କମ୍ପିଂ ସାରି ଫେରୁଥିବାବେଳେ ମାଓବାଦୀମାନେ ଆମ୍ବୁସ୍ ଲଗାଇ ୯ଜଣ ସିଆରପିଏଫ୍ ଯବାନଙ୍କୁ ମାରିଦେଇଥିଲେ ।

ପରିବହନ ମନ୍ତ୍ରୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର, ୧୬।୩ (ସକାଳ ଖବର) :ରାଜ୍ୟ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଢେଙ୍କାନାଳ ଗସ୍ତରେ ଯାଉଥିବା ବେଳେ ତାଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ତାଙ୍କ ଗାଡି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମନ୍ତ୍ରୀ ସୁରକ୍ଷିତ ଅଛନ୍ତି । ଚୌଦ୍ୱାର ନିକଟସ୍ଥ ଡିହସାହି ଛକରେ ଏକ ଟ୍ରକ୍ ମନ୍ତ୍ରୀଙ୍କ ଗାଡିକୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ପୋଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍ କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି।

ଟ୍ୟାଙ୍କର ଓଲଟି ଗ୍ୟାସ୍ ଲିକ୍

ଭବାନୀପାଟଣା ୧୬।୩ (ସକାଳ ଖବର): କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ପୋଖରୀ ବନ୍ଧ ଛକରେ ଆଜି ଏକ ଏଲ୍‌ପିଜି ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ୟାଙ୍କରଟି ଓଲଟି ପଡିବାରୁ ଗ୍ୟାସ୍ ଲିକ୍ ହେଉଛି । ସତର୍କତାମୂଳକ ପଦକ୍ଷେପ ନେବାକୁ ଅଗ୍ନିଶମ ବିଭାଗ ପରାମର୍ଶ ଦେଇଛି । ନିଆଁ ଲାଗି ଅଘଟଣ ଘଟିବା ଆଶଙ୍କା କରି ରାୟଗଡ଼ା-ଭବାନୀପାଟଣା ରୁଟ୍‌ରେ ଗାଡି ଚଳାଚଳ ବନ୍ଦ ରହିଛି । ଏପରିକି ଚା' ଦୋକାନ ଓ ହୋଟେଲ ଗୁଡିକରେ ରୋଷେଇ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ୟାସ ଲିକ୍ ରୋକିବା ପାଇଁ ଅଗ୍ନିଶମ ବିଭାଗ ଫେଲ୍ ମାରିବା ପରେ ବିକାଶଖାପାଟଣାରୁ ଏକ ଟିମ୍ ଆସୁଛି । ଆଜି ରାତି କିମ୍ବା ଆସନ୍ତାକାଲି ସକାଳେ ଟିମ୍ ପହଞ୍ଚି ପାରେ । ଅନ୍ୟପକ୍ଷରେ ଏହି ଖବର ପ୍ରକାଶ ପାଇବା ପରେ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି ।

ପଛୁଆବର୍ଗଙ୍କ ପାଇଁ ୧୦୦ ଟି ହଷ୍ଟେଲ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୩ (ସକାଳ ଖବର) : ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ ଓ ସାମାଜିକ-ଶୈକ୍ଷିକ ଦୃଷ୍ଟିରୁ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ଅସୁବିଧାକୁ ରାଜ୍ୟ ସରକାର ହୃଦୟଙ୍ଗମ କରି ପାରିଛନ୍ତି । ସେଥିରେ ୧୮୫ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଘୋଷଣା କରିଛନ୍ତି । ଏଥି ପାଇଁ ସରକାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧୦୦ଟି ହଷ୍ଟେଲ ପ୍ରତିଷ୍ଠା କରିବେ ବୋଲି ଆଜି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିବା ଘୋଷଣା ଅନୁସାରେ ରାଜ୍ୟର ୧୪ଟି ସିଲେକ୍ଟେଡ୍ ଏଜୁକେଶନ ହବରେ ଏହି ହଷ୍ଟେଲ ଗୁଡିକ ଖୋଲିବ । ପ୍ରତି ହଷ୍ଟେଲରେ ୧୦୦ଟି ଲେଖାଏଁ ଶଯ୍ୟା ରହିବ । ଏହି ହଷ୍ଟେଲ ଗୁଡିକ ପ୍ରତିଷ୍ଠା ହେବା ପରେ ରାଜ୍ୟର ହଜାର ହଜାର ଓବିସି-ଏସ୍ଇବିସି ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଜଣାପଡିଛି । ୨୦୧୮-୧୯ ଶିକ୍ଷାବର୍ଷଠାରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ୬ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ, ୪ଟି କଳିଙ୍ଗ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ । ରାଜ୍ୟରେ ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ୧୯ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ, ୪ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିଛି । ନୂଆ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବା ସଂପର୍କରେ ସୂଚନା ଦେଇ ବିଭାଗୀୟ ମନ୍ତ୍ରୀ ରମେଶ ମାଝୀ କହିଥିଲେ ଯେ, ଏହି ବିଦ୍ୟାଳୟଗୁଡିକ ନିମନ୍ତେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି । ଯେଉଁ ଛାତ୍ରଛାତ୍ରୀ ମାନଙ୍କର ଅଭିଭାବକ ମାନଙ୍କ ଆୟ ବାର୍ଷିକ ୧ ଲକ୍ଷ ଠାରୁ କମ୍ ସେମାନେ ଏହି ହଷ୍ଟେଲମାନଙ୍କରେ ଉଚ୍ଚଶିକ୍ଷା **(ପୃଷ୍ଠା-୭)**

କୁନ୍ଦୁଳି ଘଟଣା

ସରକାରଙ୍କ ପକ୍ଷ ରଖିବା ପାଇଁ ଓକିଲ ନିଯୁକ୍ତ

ଭୁବନେଶ୍ୱର, ୧୬।୩ (ସକାଳ ଖବର) : ବହୁ ଚର୍ଚ୍ଚିତ କୁନ୍ଦୁଳି ଗଣଦୁଷ୍କର୍ମ ମାମଲାରେ ଲଢିବା ପାଇଁ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଭାକର ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଶୁକ୍ରବାର ଏସମ୍ପର୍କରେ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ପକ୍ଷ ରଖିବା ପାଇଁ ତାଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରକାଶଥାଉକି ଏହି ଘଟଣାରେ ଅଭିଯୁକ୍ତ ପିଡୀତା ମୃତ୍ୟୁବରଣ କରିଥିଲେ ସୁଦ୍ଧା ବିରୋଧୀ ମାନେ ଅଡି ବସିବାରୁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ । ପ୍ରଥମେ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ହୋଇଥିଲା । **(ପୃଷ୍ଠା-୭)**

ଧରାପଡିଲା ଜାଲ୍‌ନୋଟ୍ କାରଖାନା

୧୦୨ ଗୋଟି ୧୦୦ ଟଙ୍କିଆ ନୋଟ ଜବତ, ୫ ଗିରଫ

ନୂଆପଡା,୧୬।୩ (ସକାଳ ଖବର) : ନୂଆପଡା ଜିଲା ଖଡିଆଳ ପୋଲିସକୁ ଏକ ବଡ ଧରଣର ସଫଳତା ମିଳିଥିବା ନୂଆପଡା ଏସପି ସ୍ମିଥ.ପି. ପରମାର ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନରେ ସୂଚନା ଦେଇଛନ୍ତି। ଦିର୍ଘ ଦିନରୁ ନୂଆପଡା ଜିଲାରେ ଜାଲ ନୋଟ କାରବାର ବୃଦ୍ଧି ହେଉଥିବା ବେଳେ ଏହାର ସୂଚନା ପାଇ ଖଡିଆଳ ପୋଲିସ ଛାନଭିନ ଆରମ୍ଭ କରିଥିଲା। ଏହି ନକଲି ନୋଟର କାରବାର କେଉଁଠୁ ଆରମ୍ଭ ହୋଇଥିଲା ଏବଂ ଏହାର ଚେର କେତେ ଦୂର ଲମ୍ବା ତାହା ନେଇ ତଦନ୍ତ ଜାରି ରହିଥିବା ଜଣାପଡିଛି। ଖଡିଆଳ ପୋଲିସକୁ ଜାଲ ନୋଟ କାରବାରରେ ଆଜି ଏକ ବଡ ଧରଣର ସଫଳତା ମିଳିଅଛି। ଏହି ଘଟଣାରେ ସଂପୃକ୍ତ ଥିବା ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜାଲ ନୋଟ ପ୍ରସ୍ତୁତରେ ବ୍ୟବହୃତ ସମସ୍ତ ସାମଗ୍ରୀ ସହିତ ୧୦୨ ଗୋଟି ଶହେ ଟଙ୍କିଆ ନକଲି ନୋଟକୁ ଜବତ କରିଛନ୍ତି। ଏହି ଘଟଣାରେ ଏକ କଲର ପ୍ରିଣ୍ଟର, ଏକ କମ୍ପୁଟର, ୫ ଗୋଟି ମୋବାଇଲ ସହ ଜାଲ ନୋଟକୁ ଜବତ କରିଛନ୍ତି। ଜାଲ ନୋଟ ପ୍ରିଣ୍ଟ କାର୍ଯ୍ୟ ଖଡିଆଳ ବ୍ଲକ ଅନ୍ତର୍ଗତ ଚଳାନପଡା ଗ୍ରାମ ଠାରେ ଚାଲିଥିବା ବେଳେ କଳାହାଣ୍ଡି ଜିଲାର କପିଆ ଗ୍ରାମ ପର୍ଯ୍ୟନ୍ତ ବ୍ୟାପିଥିଲା। ଜାଲ ନୋଟ କାରବାରରେ ସଂପୃକ୍ତ ଅଭିଯୁକ୍ତ ମାନେ ଖଡିଆଳ ସହରର ଧୋବାପଡା ନିବାସୀ ଅରବିନ୍ଦ ବାଗ ଏବଂ ରାମେଶ୍ୱର ବାଗ ବୋଲି ଜଣା ପଡିଥିବା ବେଳେ ଚଳାନପଡା ଗ୍ରାମର ଦାମୋଦର ଚଲାନ, କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଭବାନୀ ଶଙ୍କର ବାଗ, ସନ୍ତୋଷ ସରାଫ ବୋଲି ପୋଲିସ **(ପୃଷ୍ଠା-୭)**

କଂଗ୍ରେସ ସହ ଅଘୋଷିତ ମେଣ୍ଟ କରିଛନ୍ତି ନବୀନ : ଧର୍ମେନ୍ଦ୍ର ପ୍ରଧାନ

ବିଶାଳ ପଟୁଆରାରେ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୬।୩ (ସକାଳ ଖବର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଂଗ୍ରେସ ଦଳ ସହ ଅଘୋଷିତ ମେଣ୍ଟ କରିଛନ୍ତି ଓ ଏହା ବିଜେପୁର ଉପ ନିର୍ବାଚନରେ ସ୍ପଷ୍ଟ ହୋଇ ଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ବିଜେପୁର ପରାଜୟକୁ ସ୍ୱୀକାର କରିବା ସହ ଏହି ଉପ ନିର୍ବାଚନ ବିଜେପିକୁ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହୋଇଥିବାର ବାର୍ତ୍ତା ଦେଇଥିବାରୁ ଦଳର ଦାୟିତ୍ୱ ମଧ୍ୟ ବେଶ ବଢି ଯାଇଛି ବୋଲି ସେ କହିଛନ୍ତି । ପ୍ରଥମ ଓଡିଆ ଭାବେ ବିହାର ପରେ ମଧ୍ୟ ପ୍ରଦେଶରୁ ରାଜ୍ୟସଭାକୁ ଦ୍ୱିତୀୟ ଥର ନିର୍ବାଚିତ ହେବା ପରେ ପ୍ରଥମ ଓଡିଶା ଗସ୍ତ ଅବସରରେ ହଜାର ହଜାର ବିଜେପି କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ବିମାନ ବନ୍ଦରରୁ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଏକ ବିଶାଳ ପଟୁଆରରେ ଆଣିବା ପରେ ସେଠାରେ ଉଦବୋଧନ ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି ।

ଗତକାଲି ଅଣ ବିଜେପି ମେଂଟରେ ସାମିଲ ହେବା ନେଇ ସାମ୍ବାଦିକ ମାନଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନର ବା ଗୁଂଜରେ ଅଶ୍ୱତଥାମା ହତ ଭଳି ବୟାନ ଦେଇ କଂଗ୍ରେସ ସହ ତାଙ୍କର ମେଂଟର ପୂର୍ବ ସୂଚନା ଦେଇଥିବା ଶ୍ରୀ ପ୍ରଧାନ କହିଛନ୍ତି ।

୧୯୯୭ ମସିହାରେ କଂଗ୍ରେସ ବିରୁଦ୍ଧରେ ନବୀନ ପଟ୍ଟନାୟକଙ୍କ ବିଜେପି ସହ ମେଂଟ ଆଜି ଦିନରେ ସୁବିଧାବାଦୀ ହୋଇ ଓଡିଶାର ସ୍ୱାର୍ଥ ବିରୋଧୀ ଓ ଦୁର୍ନୀତିର କେନ୍ଦ୍ର ହୋଇଥିବା କଂଗ୍ରେସ ଦଳ ସହ ମେଂଟ ଆଡକୁ ଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘ ଦିନ ଦେଶ ଶାସନ କରିଥିବା କଂଗ୍ରେସ ଓଡିଶା ପ୍ରତି ସବୁବେଳେ ଅବହେଳା କରି ଆସିଛି । ରେଳ ବିକାଶର ଉଦାହରଣ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୟୁପିଏ ସରକାରର ଦଶ ବର୍ଷର ଶାସନରେ କୌଣସି ବି ବର୍ଷ ଓଡିଶା ପାଇଁ ରେଳ ବଜେଟରେ ଏକ ହଜାର କୋଟି ଟଙ୍କା ବ୍ୟୟବରାଦ କରିଥିଲେ । ବିଜେଡି ଏଭଳି ଏକ ଓଡିଶା ପ୍ରତି ଅବହେଳା କରି ଆସିଥିବା ଦଳ ସହିତ ଏକାଠି ହେଉଛି । ଜନ ଆନ୍ଦୋଳନ ଓ ଜନ ଜାଗରଣକୁ **(ପୃଷ୍ଠା-୭)**



ଗରିବଙ୍କୁ ହଇରାଣ ଓ କଷ୍ଟ ଦିଅନ୍ତୁ ନାହିଁ

ହୁଣ୍ଡିର ଆୟ (୧୬.୩.୧୮)
୩, ୨୦, ୧୧୯

ବିଜେପି ସରକାର ବିରୋଧରେ ଆସିପାରେ ଅନାସ୍ଥା



ନୂଆଦିଲ୍ଲୀ, : ୨୦୧୪ ଲୋକସଭା ନିର୍ବାଚନ ପରେ କେନ୍ଦ୍ରରେ ଅବସ୍ଥାପିତ ଏନ୍‌ଡିଏ ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଲାଭ କରି କେନ୍ଦ୍ରରେ ସରକାର ଗଠନ କରିଥିଲେ । ମାତ୍ର ସେଥିମଧ୍ୟରେ ସେମାନଙ୍କର କେତେକ ସହଯୋଗୀ ଦଳ ମଧ୍ୟ ଏକାଠି ହୋଇଥିଲେ । ଏନଡିଏରେ ବିଜେପିର ମିତ୍ର ଥିବା ଟିଡିପି କେନ୍ଦ୍ର ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ଆନ୍ଧ୍ର ପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ପୂରଣ ନହେବାରୁ ଟିଡିପି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନଡିଏ)ଠୁ ସଂପର୍କ ଛିନ୍ନ କରିଛି । ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଓ ଟିଡିପି ମୁଖିଆ ଚନ୍ଦ୍ର ବାବୁ ନାଇଡୁ ଏବେ ମୋଦୀ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ୱାଇଏସଆର କଂଗ୍ରେସ ମଧ୍ୟ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନୋଟିସ୍ ଦେଇ ସାରିଛି । ଏହା ମଧ୍ୟରେ କଂଗ୍ରେସ ସହିତ ଅନେକ ବିରୋଧୀ ଦଳ ଏହି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି । ଏନ୍‌ଡିଏ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ହେଲେ ସର୍ବନିମ୍ନ ୫୦ ସାଂସଦଙ୍କ ସମର୍ଥନ ଥିବା ଆବଶ୍ୟକ । ତେଣୁ ଟିଡିଡି ଓ ୱାଇଏସଆର କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ଅନେକ ବିରୋଧୀ ଦଳ ସମର୍ଥନ ମଧ୍ୟ କରିଛନ୍ତି । କଂଗ୍ରେସ, ଏଆଇଏଡିଏମକେ, ଟିଏମସି, ଏନସିପି ଓ ସିପିଏମ ପରି ବଡ଼ ଦଳ ଟିଡିପିର ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବାର ଘୋଷଣା କରିଛନ୍ତି । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ବିଜେପି ଏକାକୀ ବହୁମତ **(ପୃଷ୍ଠା-୭)**

ଟଙ୍କା ପାଇଁ ଭାଇକୁ ମାରିଲା ଭାଇ

ଦୁଃଖଦ ଘଟଣା

କାମାକ୍ଷାନଗର,୧୬।୩ (ସକାଳ ଖବର) : କାମାକ୍ଷାନଗରରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ଟଙ୍କା ପାଇଁ ଦାଦାପୁଅ ଭାଇକୁ ଅପହରଣ କଲା ବଡବାପା ପୁଅ । ଫୋନ୍‌ରେ ମାଗିଲା ୧୦ ଲକ୍ଷ ଟଙ୍କା । ଏଥିପାଇଁ ଟଙ୍କା ମଧ ଜମା କରାଯାଇଥିଲା । ଏହା ସତ୍ତ୍ୱେ ରକ୍ତ ସମ୍ପର୍କର ସାନ ଭାଇର ତଣ୍ଟି ଚିପି ହତ୍ୟା କଲା ବଡଭାଇ । ଏପରି ଘଟଣା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି । ଘଟଣା ପଦାକୁ ଆସିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ପୋଲିସ ଅଭିଯୁକ୍ତକୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ମୁକ୍ତାପଶି ଗାଁର ପ୍ରଦୀପ ସାହୁଙ୍କ ୭ ବର୍ଷର ପୁଅ ପ୍ରବୀଣ । ଗତକାଲି ସ୍କୁଲ ଯାଇଥିଲେ । ମଧ୍ୟାହ୍ନରେ ସ୍କୁଲରୁ ଫେରି ଘର ଆଗରେ ଖେଳୁଥିଲେ । ଏହି ସମୟରେ ତାକୁ ଅପହରଣ କରାଯାଇଥିଲା । ଅପହରଣ ନେଇ ତାଳଚେର ଯାଇଥିବା ପ୍ରଦୀପଙ୍କୁ ଫୋନ୍‌ରେ ଜଣାଇଥିଲେ ଦୁର୍ବୃତ୍ତ । ଏହା ପରେ ପ୍ରଦୀପ ଘରକୁ ଫୋନ୍ କରି ପୁଅ ପ୍ରବୀଣ ସମ୍ପର୍କରେ ପଚାରିଥିଲେ । ମାତ୍ର ପରିବାର ଲୋକେ ପୁଅକୁ ଚାରିଆଡେ ଖୋଜିଥିଲେ ମଧ୍ୟ ପାଇନଥିଲେ । ଏହା ପରେ ପରିବାର ଲୋକେ ଭୟଭୀତ ହୋଇପିଥିଲେ । ଏହା ଭିତରେ ଟଙ୍କା ଦେଲେ ପୁଅକୁ ଛାଡିବୁ ବୋଲି ଆସୁଥିଲା **(ପୃଷ୍ଠା-୭)**

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick